କେ.କେ. ଶର୍ମା

ବନାମ

କୁଲୱନ୍ତ ସିଂହ ଓ ଅନ୍ୟମାନେ

ଏପ୍ରିଲ 25, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ବ୍ୟାଙ୍କ- ଆର୍ଥିକ କ୍ଷତି-ନିର୍ଦ୍ଦେଶକ ମଣ୍ଡଳୀର ଅଧ୍ୟକ୍ଷ-ବେସରକାରୀ ଉଦ୍ଦେଶ୍ୟରେ ବ୍ୟାଙ୍କ କାର ବ୍ୟବହାର କରିବାର ଅଭିଯୋଗ- ଆସବାବପତ୍ର କ୍ରୟ ମଧ ବ୍ୟାଙ୍କ ବ୍ୟବହାର ପାଇଁ ନୁହେଁ-ତଦନ୍ତ କରାଗଲା-ତାଙ୍କଠାରୁ ଖର୍ଚ୍ଚ ଆଦାୟ କରିବାର ନିଷ୍ପତ୍ତି-ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଛି-ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରଦ୍ଦ କରାଯାଇଥିବା ଆଦେଶ- ଆବେଦନ ଉପରେ, ସମବାୟ ସମିତିଗୁଡ଼ିକର ଯୁଗ୍ମ ନିବନ୍ଧକଙ୍କୁ ଶୁଣାଣିର ସୁଯୋଗ ଦେବା ପରେ ଏକ ଯୁକ୍ତିଯୁକ୍ତ ଆଦେଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା-ଯୁଗ୍ମ ନିବନ୍ଧକଙ୍କ ଦ୍ୱାରା ନିର୍ଣ୍ଣୟ ଯେ ଅଧ୍ୟକ୍ଷ ଭାବରେ କର୍ତ୍ତବ୍ୟ ପାଳନ କରିବାରେ ବ୍ୟାଙ୍କ କାର ବ୍ୟବହାର କରାଯାଇଥିଲା-ବ୍ୟାଙ୍କ ଦ୍ୱାରା ବ୍ୟବହୃତ ଆସବାବପତ୍ର କ୍ରୟ କରାଯାଇଥିଲା-ବ୍ୟାଙ୍କକୁ କୌଣସି ଆର୍ଥିକ କ୍ଷତି ହୋଇନାହିଁ- ନିର୍ଣ୍ଣୟ ହେଲା : ଉପରୋକ୍ତ ନିଷ୍କର୍ଷକୁ ଦୃଷ୍ଟିରେ ରଖି, ଆବେଦନକାରୀଙ୍କଠାରୁ ବ୍ୟକ୍ତିଗତ ଭାବରେ ଖର୍ଚ୍ଚ ଆଦାୟ ପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶ ଉପଯୁକ୍ତ ନଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ଏହି ଆଦେଶକୁ ରଦ୍ଦ କରିଛନ୍ତି ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3431/1997 ।

C.W.P. ସଂଖ୍ୟା 9648/1994ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 18.4.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ନୀରଜ କୁମାର ଜୈନ ଏବଂ ଶ୍ରୀମତୀ ଆଭା ଆର୍. ଶର୍ମା ।

ଉତ୍ତରଦାତାମାନଙ୍କ ପକ୍ଷରୁ ଆର୍.ଏସ୍. ସୋଢ଼ୀ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣୁଛୁ ।

ଏହି ଆବେଦନ ବିଶେଷ ଅନୁମତି ଦ୍ୱାରା 18 ଏପ୍ରିଲ୍ 1995ରେ ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 9648/1994ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠର ରାୟରୁ ଉପୂନ୍ନ ହୋଇଛି ।

ପ୍ରଥମ ଉତ୍ତରଦାତା ଆସବାବପତ୍ର କିଣିଥିଲେ ଏବଂ ବେସରକାରୀ ଉଦ୍ଦେଶ୍ୟରେ ବ୍ୟାଙ୍କ କାର ବ୍ୟବହାର କରିବାକୁ କହିଥିଲେ । ଏହି ଆଧାରରେ, ତାଙ୍କ ଉପରେ ଅଧିକ ଦେୟ ଲାଗୁ କରାଯାଇଥିଲା । 4 ମେ, 1993 ତାରିଖର ଯାଞ୍ଚ ରିପୋର୍ଟ ସୂଚାଇବ ଯେ ବ୍ୟାଙ୍କର ସଭାପତି ଭାବରେ ପ୍ରଥମ ଉତ୍ତରଦାତା ସାମ୍ବିଧାନିକ ବ୍ୟବସ୍ଥାଗୁଡିକ ଅନୁଯାୟୀ କର୍ତ୍ତବ୍ୟ ଏବଂ ଦାୟିତ୍ୱ ପାଳନ କରିବା ସମୟରେ କାର ବ୍ୟବହାର କରି ନଥିଲେ ଏବଂ ଏଥିପାଇଁ ହୋଇଥିବା ଖର୍ଚ୍ଚ ଏବଂ ଆସବାପତ୍ର କ୍ରୟର ମୂଲ୍ୟ ସେମାନଙ୍କଠାରୁ ବ୍ୟକ୍ତିଗତ ଭାବରେ ଆଦାୟ କରାଯିବା ଆବଶ୍ୟକ ଥିଲା । ତାଙ୍କ ପକ୍ଷରୁ କରାଯାଇଥିବା ତଦନ୍ତରୁ ଜଣାପଡ଼ିଲା ଯେ ପ୍ରଥମ ଉତ୍ତରଦାତା ବ୍ୟାଙ୍କ କାରର ଅନଧିକୃତ ବ୍ୟବହାର କରିଥିଲେ ଏବଂ ଆସବାପତ୍ର ଇତ୍ୟାଦି କ୍ରୟ କରିଥିଲେ । ଏହା ମତ ଦିଆଯାଇଥିଲା ଯେ ସେ ଅନାବଶ୍ୟକ ଭାବରେ ଖର୍ଚ୍ଚ କରିଛନ୍ତି ଏବଂ ତେଣୁ, ଏହା ତାଙ୍କଠାରୁ  ଅତିରିକ୍ତ ଚାର୍ଜ ଭାବରେ ଆଦାୟ କରାଯିବା ଯୋଗ୍ୟ । ଯେତେବେଳେ ସେ ଉଚ୍ଚ ନ୍ୟାୟଳୟରେ ଏହି ଆଦେଶକୁ ଆପତ୍ତି କରିଥିଲେ, ସେତେବେଳେ ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଅନୁମତି ଦେଇଥିଲେ ଏବଂ ଅତିରିକ୍ତ ଚାର୍ଜ ଆଦେଶ ଏବଂ ସଂଲଗ୍ନକ p. 5 କୁ ରାଜ୍ୟ ଦ୍ୱାରା ବହନ କରିବାକୁ ଥିବା 5,000 ଟଙ୍କା ଅତିରିକ୍ତ ଚାର୍ଜ ଲାଗୁ କରିବା ପାଇଁ ବାତିଲ କରିଥିଲେ ଏବଂ ଆବେଦନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସ୍ୱାଧୀନତା ଦେଇଥିଲେ । ଯେତେବେଳେ ଏହି ମାମଲା ଆମ ସମ୍ମୁଖରେ ଆସିଲା, ଆମେ ଯୁଗ୍ମ ନିବନ୍ଧକ, ସମବାୟ ସମିତିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲୁ ଯେ ପ୍ରଥମ ଉତ୍ତରଦାତାଙ୍କୁ ଶୁଣାଣିର ସୁଯୋଗ ଦିଅନ୍ତୁ ଏବଂ ତା'ପରେ ସେ ଯେଉଁ ବ୍ୟାଙ୍କର ଅଧ୍ୟକ୍ଷ ସେହି ବ୍ୟାଙ୍କକୁ କୌଣସି କ୍ଷତି ପହଞ୍ଚାଇଛନ୍ତି କି, ତାହା ଏକ ଯୁକ୍ତିଯୁକ୍ତ ଆଦେଶ ପାରିତ କରନ୍ତୁ । 9 ଏପ୍ରିଲ୍ 1997 ତାରିଖର ଆଦେଶରେ, ନିବନ୍ଧକ ବିସ୍ତୃତ ବିଚାର ପରେ କହିଥିଲେ ଯେ ଉତ୍ତରଦାତା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗାଡ଼ି ବ୍ୟବହାର ପାଇଁ 1,15,888 ଟଙ୍କା ଖର୍ଚ୍ଚ କରିଥିଲେ । ସେ ଆସବାବପତ୍ର କିଣିବା ପାଇଁ 1,01, 650.48 ଟଙ୍କା ଖର୍ଚ୍ଚ ମଧ୍ୟ କରିଥିଲେ । ସେ ପ୍ରକୃତରେ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀର ଅଧ୍ୟକ୍ଷ ଭାବରେ ତାଙ୍କର କର୍ତ୍ତବ୍ୟ ପାଳନ ପାଇଁ ଯାତ୍ରା କରିଥିଲେ ଏବଂ କାର ବ୍ୟବହାର କରିଥିଲେ ।  ସେ ଆସବାବପତ୍ର ମଧ୍ୟ କିଣିଥିଲେ ଏବଂ ଆସବାବପତ୍ର ବ୍ୟାଙ୍କ ଦ୍ୱାରା ବ୍ୟବହୃତ ହେଉଛି ଏବଂ ଏହାଦ୍ୱାରା ସେ ବ୍ୟାଙ୍କକୁ କୌଣସି ଆର୍ଥିକ କ୍ଷତି ପହଞ୍ଚାଇ ନାହାଁନ୍ତି ।

ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି, ଆବେଦନକାରୀଙ୍କଠାରୁ ବ୍ୟକ୍ତିଗତ ଭାବରେ ଖର୍ଚ୍ଚ ଆଦାୟ ପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶ ଯୁକ୍ତିଯୁକ୍ତ ନୁହେଁ ଏବଂ ଉଚ୍ଚ ନ୍ୟାୟାଳୟ ଅତିରିକ୍ତ ଚାର୍ଜ ଆଦେଶକୁ ଯଥାର୍ଥ ଭାବରେ ରଦ୍ଦ କରିଛନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।